

# କଟକ ସିଟି

## ମେୟରଙ୍କ ୨ନମ୍ବର ୱାର୍ଡ ପରିଦର୍ଶନ



**କଟକ,୧୯।୩(ସମିସ):** ଆଜି ମେୟର ସୁବାସ ସିଂ କଟକ ମହାନଗର ନିଗମର ୨ନଂ ୱାର୍ଡ ତଥା ବିଡାନାସୀ ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ସମୟରେ ବିଡାନାସୀ ଅଞ୍ଚଳରେ ୧ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେଉଥିବା ଶ୍ମଶାନ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଏହି ଅବସରରେ ସ୍ଥାନୀୟ ୱାର୍ଡ ନମ୍ବର -୨ କର୍ପୋରେଟର ପୁଷ୍ପିତା ମହାନ୍ତି, ୱାର୍ଡ ନମ୍ବର ୧ର ବରିଷ୍ଠ ନାଗରିକ ବୀରେନ୍ଦ୍ର କୁମାର ବେହେରା, ବିଶ୍ୱନାଥ ଧୀର, ଶରତ ନାୟକ, ବାଦଲ ମହାନ୍ତି ପ୍ରମୁଖଙ୍କ ଉପସ୍ଥିତିରେ କାର୍ଯ୍ୟ ଗୁଡିକର ଅଗ୍ରଗତି ସମ୍ପର୍କରେ ଜେଇ ଦିଲ୍ଲୀପ ସ୍ୱାଇଁ, ମେୟରଙ୍କୁ ଅବଗତ କରିଥିଲେ। ଆସନ୍ତା ମେ ମାସ ୧୫ ତାରିଖ ସୁଦ୍ଧା କାର୍ଯ୍ୟ ସମାପନ କରିବାକୁ ମେୟର ଶ୍ରୀ ସିଂ କଡା ନିର୍ଦ୍ଦେଶ ଦେଇଥିଲେ। ପରେ ୨ ମାସ ପୂର୍ବରୁ ୨୦ ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ କରିବା ଫଳରେ ସେମାନେ ପ୍ରବଳ ବର୍ଷାରେ ରାସ୍ତା କଡରେ ପଡିଛନ୍ତି। ସେମାନଙ୍କ ସହିତ ମେୟର ଶ୍ରୀ ସିଂହ ଆଲୋଚନା କରିବା ସହ ସେମାନଙ୍କୁ ଧବଳେଶ୍ୱର ଗଡ଼ାରେ ଥଇଥାନ କରାଇବାକୁ ନିଷ୍ପତ୍ତି ନିଆଯାଇଛି। ଏଥି ସହ ନିର୍ମାଣଧୀନ କଲ୍ୟାଣ ମଣ୍ଡପ ଓ ସଫେଇ ସମସ୍ୟା ସମ୍ପର୍କରେ ମେୟର ଅନୁଧ୍ୟାନ କରିଥିଲେ।

## ବିଜୁ ଶ୍ରମିକ ସାମ୍ମୁଖ୍ୟ ପ୍ରତିନିଧିଙ୍କ ସହିତ ମେୟରଙ୍କ ବୈଠକ



**କଟକ,୧୯।୩(ସମିସ):** ଆଜି କଟକ ମେୟରଙ୍କ ବାସଭବନରେ, ମେୟରଙ୍କ ସହତ କଟକ ମହାନଗର ବିଜୁ ଶ୍ରମିକ ସାମୁଖ୍ୟ ପ୍ରତିନିଧି ଦଳର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ଲୋକନାଥ ସାହୁଙ୍କ ତତ୍ତ୍ୱବଧାନରେ ସାମାଜିକ ଗଣମାଧ୍ୟମର ଉପକାରିତା ଓ ଅପକାରିତା ବିଷୟରେ ଏକ ସଂକ୍ଷିପ୍ତ ଟ୍ରେନିଂ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। କିପରି ସାମାଜିକ ଗଣମାଧ୍ୟମର ବ୍ୟବହାର କରିବେ, ସାମାଜିକ ଗଣମାଧ୍ୟମ ବ୍ୟବହାର ସମୟରେ କି କି ଦିଗ ପ୍ରତି ଧ୍ୟାନ ଦେବେ ସେ ବିଷୟରେ ଅବଗତ କରାଯାଇଥିଲା। ଏହି ଅବସରରେ ମେୟର ସୁବାସ ସିଂଙ୍କ ସହିତ ଶ୍ରୀ ସାହୁ, ଦେବେନ୍ଦ୍ର ପାଣିଗ୍ରାହୀ, କାଳିଚରଣ ପାଣିଗ୍ରାହୀ, ଜଗନ୍ନାଥ ସ୍ୱାଇଁ, ଜନ ଆଶିଷ ବରାଳ, ମିହିର ରଞ୍ଜନ ସାହୁ, ଏନ. ନିଖିଳ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

### ଆରମ୍ଭ ହେଲା ନିର୍ବାଚନୀ କାର୍ଯ୍ୟାନୁଷ୍ଠାନ

# ହିଟ୍ ଲିଷ୍ଟରେ ୯୫୦ ଅପରାଧୀ

■ ୭୭୧ ଲାଇସେନ୍ସପ୍ରାପ୍ତ ବନ୍ଧୁକ ପୁଲିସ ଜିମା ଦେବାକୁ ନିର୍ଦ୍ଦେଶ
■ ଗ୍ୟାଙ୍ଗଷ୍ଟରଙ୍କୁ ତୁରନ୍ତ ଗିରଫ କରିବାକୁ ଡିସିପିଙ୍କ ନିର୍ଦ୍ଦେଶ
■ ନିର୍ବାଚନ ପାଇଁ କାର୍ଯ୍ୟକରୁଛି ସ୍ୱତନ୍ତ୍ର ପୁଲିସ ସ୍କ୍ୱାଡ୍

କଟକ,୧୯ ।୩(ସମିସ)

କମିଶନରେଟ୍ ପୁଲିସ ପକ୍ଷରୁ ଆଗାମୀ ସାଧାରଣ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିବାକୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହି କ୍ରମେରେ ଡିସିପି ଡଃ କନୱର୍ ବିଶାଲ୍ ସିଂ ସ୍ୱତନ୍ତ୍ର ପୁଲିସ ସ୍କ୍ୱାଡ୍‌କୁ ସଜାଗ କରିଛନ୍ତି। କଟକ ୟୁପିଡି ଅଧିନରେ ଥିବା ପ୍ରତ୍ୟେକ ଥାନାରେ ପୂର୍ବରୁ ଜାରି ହୋଇଥିବା ଜାମିନ୍ ବିହୀନ ପରୱାନା ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ଆଇଆଇସିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୋଟ୍ ୯୫୦ଜଣ ଅପରାଧି କମିଶନରେଟ୍ ପୁଲିସ ପକ୍ଷରୁ ପ୍ରସ୍ତୁତ ହୋଇଥିବା ତାଲିକାରେ ହିଟ୍ ଲିଷ୍ଟରେ ରହିଛନ୍ତି। ଏହି ଅପରାଧିମାନଙ୍କୁ ଗିରଫ କରିବା ସହିତ ସମ୍ପୃକ୍ତ ମାମଲାର ତଦନ୍ତକୁ ଖୁବଶୀଘ୍ର ଶେଷ କରିବାକୁ ଡିସିପି ଡଃ ସିଂ କହିଛନ୍ତି। ସେହିପରି କମିଶନରେଟ୍ ଅଞ୍ଚଳରେ ଲାଇସେନ୍ସପ୍ରାପ୍ତ ବନ୍ଧୁକଧାରୀଙ୍କୁ ସେମାନଙ୍କ ବନ୍ଧୁକ ପୁଲିସ ଜିମା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ୮ଦିନ ମଧ୍ୟରେ ୭୭୧ଜଣ ବନ୍ଧୁକଧାରୀଙ୍କୁ ସେମାନଙ୍କୁ ବନ୍ଧୁକ ଫେରସ୍ତ କରିବାକୁ ଡିସିପି ଡଃ ସିଂ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଗତ ୩ମାସ ମଧ୍ୟରେ ଥାନାୱାରୀ ସମସ୍ତ ପେଶାଦାର୍ ଅପରାଧିଙ୍କୁ ଗିରଫ କରିବାକୁ କଟକ ୟୁପିଡିର ପ୍ରତ୍ୟେକ ଥାନାକୁ



ନୋଟିସ୍ ଦିଆଯାଇଛି। କମିଶନରେଟ୍ ପୁଲିସର ଏକ ଉଚ୍ଚସ୍ତରୀୟ ଅପରାଧ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରିବାରେ ପୁଲିସର ପ୍ରମୁଖ ଭୂମିକା ଥିବାରୁ ପୁଲିସ କୁଖ୍ୟାତ ଅପରାଧିଙ୍କୁ ସାବାଡ୍ କରିବା ନିମନ୍ତେ ଏଭଳି ଗିରଫଦାରୀ ଅଭିଯାନ ଆରମ୍ଭ କରିଛି ବୋଲି ଅତିରିକ୍ତ ଡିସିପି ଅନିଲ୍ କୁମାର ମିଶ୍ର ସୂଚନା ଦେଇଛନ୍ତି।

ସାଧାରଣ ନିର୍ବାଚନ-୨୦୨୪କୁ ଦୃଷ୍ଟିରେ ରଖି ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ଅପରାଧୀଙ୍କ ଚୂଡାନ୍ତ ତାଲିକା ପ୍ରସ୍ତୁତ କରିଛି କମିଶନରେଟ୍ ପୁଲିସ। ଥାନାୱାରୀ ଦାଗୀଙ୍କର ପୁରୁଣା ରେକର୍ଡକୁ ଖୁବଶୀଘ୍ର ଏଡିସିପିଙ୍କ କୋର୍ଟକୁ ପଠାଯାଇଛି। ଗିରଫଦାରୀ ପ୍ରକ୍ରିୟାକୁ ତୁରନ୍ତ ତ୍ୱରାନ୍ୱିତ କରାଯିବ। ଗତ ନିର୍ବାଚନ ଗୁଡ଼ିକରେ ପେସାଦାର ଅପରାଧିମାନେ ସହର ଛାଡି ଆତ୍ମଗୋପନ କରିଥିବା ବେଳେ ପୁଲିସ ଏଥର ନିର୍ବାଚନୀ ଗିରଫଦାରୀ ପ୍ରକ୍ରିୟାକୁ ଗୁପ୍ତ ଢଙ୍ଗରେ କରୁଥିବା ଜଣାପଡ଼ିଛି। ସିଆର୍‌ପିସି ଧାରା ୧୧୦ ଅନୁଯାୟୀ ଦାଗୀ ଅପରାଧିଙ୍କୁ ଗିରଫ କରାଯିବା ନିମନ୍ତେ ପୁଲିସ ଜୋରଦାର ଚେଷ୍ଟା କରୁଛି। ବିଭିନ୍ନ ଥାନା ଅଞ୍ଚଳରେ ରହିଥିବା ଦୁର୍ଦ୍ଧାନ୍ତ ଅପରାଧିଙ୍କ ବିରୋଧରେ କଠୋର ଆଇନଗତ ଅନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ କମିଶନରେଟ୍ ପୁଲିସର ଅଭିଯାନ ଜାରି ରହିଛି। ବିଶେଷ କରି ପୂର୍ବରୁ ନିର୍ବାଚନ ସମୟରେ ଗଣ୍ଡଗୋଳ କରିବା, ଦାଦାବଟି ଆଦାୟ କରିବା ଏବଂ ପୁଲିଂ ବୁଥ୍ ଓ ନିର୍ବାଚନୀ ପ୍ରଚାରରେ ଗଣ୍ଡଗୋଳ କରିବା ଭଳି ଅପରାଧମୂଳକ କାର୍ଯ୍ୟରେ ଲିପ୍ତ ରହଥିବା ଅପରାଧିମାନଙ୍କୁ ଜେଲ୍‌କୁ ପଠାଇବା ପାଇଁ ପୁଲିସ ଏହି ଅଭିଯାନ କରୁଥିବା ସୂଚନା ମିଳିଛି। ପ୍ରଥମ ପର୍ଯ୍ୟାୟରେ ଜୋନ୍‌ୱାରୀ ଅପରାଧି ତାଲିକା ପ୍ରସ୍ତୁତ ହୋଇ ନିର୍ବାଚନ ପୂର୍ବରୁ ମୋଟ ୧୬୮ଜଣ ଅପରାଧିଙ୍କୁ ଗିରଫ କରାଯିବ ବୋଲି ଏଡିସିପି ଶ୍ରୀ ମିଶ୍ର କହିଛନ୍ତି। ଏଥି ସହିତ ଚୋରା ମଦ, ବ୍ରାଉନ୍‌ସୁଗର, ଗଞ୍ଜେଇ ଧରପଗଡ୍ ଅଭିଯାନକୁ ଜୋରଦାର୍ କରାଯାଇଛି ବୋଲି ସେ କହିଛନ୍ତି। ପୁଲିସ ସୂଚନା ଅନୁସାରେ, ଜୋନ୍-୧ ଅଞ୍ଚଳରେ ୩୭, ଜୋନ୍-୨ଅଞ୍ଚଳରେ ୨୯, ଜୋନ୍-୩ ଅଞ୍ଚଳରେ ୨୫, ଜୋନ୍-୪ ଅଞ୍ଚଳରେ ୩୦, ଜୋନ୍-୫ ଅଞ୍ଚଳରେ ୨୫ ଏବଂ ଜୋନ୍-୬ ଅଞ୍ଚଳରେ ୨୨ଜଣ ଅପରାଧୀଙ୍କ ତାଲିକା ପ୍ରସ୍ତୁତ ହୋଇଛି। ଏମାନଙ୍କୁ ଗିରଫ କରାଯିବା ପାଇଁ ଥାନା ଗୁଡ଼ିକ ପକ୍ଷରୁ ଚଢଉ ଜାରି ରହିଥିବା ଜଣାପଡ଼ିଛି।

## ୧୬ ଦିଗ ଭାଗ ସଂକୀର୍ତ୍ତନମଣ୍ଡଳୀର ନବମୀ ମହାସଭା



କଟକ,୧୯ ।୩(ସମିସ): ୧୬ ଦଗି ଭାଗ ସଂକୀର୍ତ୍ତନ ମଣ୍ଡଳୀର ନବମୀ ମହାସଭା ବକ୍ସିବଜାର ବଡେଇ ସାହି ସ୍ଥିତ ୭୨ ମଠ ପ୍ରାଙ୍ଗଣରେ ମୁଖ୍ୟ ପରିଚାଳକ ପ୍ରଦୀପ କୁମାର ସାହୁଙ୍କ ପୋ÷ରୋହିତ୍ୟରେ ଅନଷ୍ଠିତି ହୋଇ ଯାଇଅଛି। ଚଳତି ବର୍ଷ ଦୋଳ ଯାତ୍ରା ଏକାଦଶୀ ବୁଧବାର ଦନି ଗଣେଶ ଜୀଉ ବଢେଇ ସାହି, ଦ୍ୱାଦଶୀ ଗୁରୁବାର ଦିନ ରାଣୀହାଟ, ଗୋପାଳ ସାହି, ତ୍ରୟୋଦଶୀ ଶୁକ୍ରବାର ଦିନ ମେରିଆ ବଜାର, ତ୍ରୟୋଦଶୀ କ୍ଷୟ ଶନିବାର ଦିନ ବାଘମଙ୍ଗଳା ମନ୍ଦିର ଚତୁର୍ଦ୍ଦଶୀ ରବିବାର ଦିନ ନାୟକ ସାହିରେ ଅନୁଷ୍ଠିତ ହେବ। ପୂର୍ଣ୍ଣମୀ ସୋମବାର ଦନି ସକାଳ ୮ ଘଟିକାରେ ଦିଗଭାଗର ସମସ୍ତ ଠାକୁର ଜୀଉ ମାନେ ଏକାଠି ହୋଇ ଦୋଳମୁଣ୍ଡାଇ ଠାରେ ୭୨ ସଂକୀର୍ତ୍ତନ ମଣ୍ଡଳୀ ପୂର୍ଣ୍ଣ ମେଳଣ ଶୋଭାଯାତ୍ରା ପାଇଁ ଯୋଗ ଦେଇ ୭୨ ମଠରେ ପହଞ୍ଚିବେ। ସନ୍ଧ୍ୟା ସମୟରେ ରାଜା ଘର, ଚାନ୍ଦିନୀଚୌକ ପୂଜା କମିଟି ଆନୁକୂଲ୍ୟରେ ୭୨ମେଳଣ ପାଇଁ ସମସ୍ତ ଠାକୁ ଜୀଉମାନେ ଯୋଗଦାନ କରିବା ପାଇଁ ମହାସଭାରେ ନିଷ୍ପତ୍ତି ହୋଇଛି। ହୋଲି ଦିନ ରାଣୀହାଟ ଗୋପାଳ ସାହିଠାରେ ସଂକୀର୍ତ୍ତନ ମେଳଣ କରାଯିବା ଚଳିତ ବର୍ଷ ଦିଗ ଭାଗରେ ନୂତନ କରି ମେରଆବଜାର ବଜାର ଠାକୁର ଜୀଉ ୧୬ ଦିଗ ଭାଗ ସଂକୀର୍ତ୍ତନ ମଣ୍ଡଳୀରେ ଯୋଗଦାନ କରିବେ। ଏହି ମହାସଭାରେ ସାହି ସଭାପତି ପରିକ୍ଷୀତ ମହାରଣା ଓ ଅଧିକାରୀ ଅଶୋକ ଦାଶ, କରୁଣାକର ମହାରଣା, ସୁବାସ ବେହେରା, ରବିନାରାୟଣ ନାୟକ, ଭାସ୍କର ମହାରଣା, ମହନ୍ତ ପର୍ଶୁରାମ ମହାରଣା, ସମ୍ପୂର୍ଣ୍ଣାନନ୍ଦ ନାଟିଆ, ପୂର୍ଣ୍ଣଚନ୍ଦ୍ର ଚୌଧୁରୀ, ନିର୍ମଳ ଚନ୍ଦ୍ର ମହାପାତ୍ର, ପ୍ୟାରିମୋହନ ମହାପାତ୍ର, ଧ୍ରୁବ ମହାପାତ୍ର, ୭୨ ସଂକୀର୍ତ୍ତନ ମଣ୍ଡଳୀର ସର୍ବ କଟୁଆଳ ପ୍ରଦୀପ ସାହୁ ଓ କଟୁଆଳ ଭାଗବତ ସ୍ୱାଇଁ, ଗଣେଶ ଚନ୍ଦ୍ର ମହାପାତ୍ର, ସନ୍ତୋଷ ମହାରଣା, ମହେନ୍ଦ୍ର ଦାସ, ଶ୍ୟାମ ସୁନ୍ଦର ବେହେରା, ଶୁକୁ ମହାରଣା ଓ ଅରକ୍ଷିତ ମହାରଣା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଏନ୍‌ବିଡବ୍ଲ୍ୟୁରେ ନର୍ସିଂହୋମ୍ ମାଲିକ ଗିରଫ

କଟକ,୧୯ ।୩(ସମିସ): ଜାମିନବିହୀନ ଗିରଫ ପରୱାନା(ଏନବିଡବ୍ଲ୍ୟୁ) ବଳରେ ମଙ୍ଗଳାବାଗ ଥାନା ପୁଲିସ ଆଜି ଜଣେ ନର୍ସିଂହୋମ୍ ମାଲିକଙ୍କୁ ଗିରଫ କରିଛି। ଅଭିଯୁକ୍ତଜଣକ ହେଲା ମଙ୍ଗଳାବାଗ କାଠଗୋଲା ସାହିରେ ଥିବା ଉର୍ମିଳା ନର୍ସିଂହୋମର ମାଲିକ ଅଭୟ କୁମାର ଦାସ। ପୁଲିସ ତାଙ୍କୁ ଗିରଫ କରିବା ପରେ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ଆର୍ଥିକ କାରବାର ମାମଲାରେ ଜେଏମ୍‌ଏଫସି(ସିଟି) କୋର୍ଟରୁ ଅଭୟଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ(ଜାମିନବିହୀନ ଗିରଫ ଫରୱାନ) ଜାରି କରାଯାଇଥିଲା। ଏହାରି ବଳରେ ମଙ୍ଗଳାବାଗ ଥାନା ପୁଲିସ ଅଭୟଙ୍କୁ ଗିରଫ କରିଛି। ପୂର୍ବରୁ ତା' ନାମରେ ୪ଟି ମାମଲା ରହିଥିବା ଜୋନ୍ ଏସିପି ଗିରିଜାଶଙ୍କର ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି।

## ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ଗିରଫ

କଟକ,୧୯ ।୩(ସମିସ): ଏକ ଦୁଷ୍କର୍ମ ମାମଲାରେ ଫେରାର ଥିବା ଜଣେ ଅଭିଯୁକ୍ତକୁ ମଙ୍ଗଳବାର ଗିରଫ କରିଛି ଲାଲବାଗ ଥାନା ପୁଲିସ। ଅଭିଯୁକ୍ତଜଣକ ହେଲା ଡଗରପଡ଼ା ହାଡ଼ଗୋଡ଼ିଆ ସାହିର ମନୋଜକୁମାର ଜେନା ଓରଫ ସନିଆ(୨୫)।

୨୦୧୩ରେ ଲାଲବାଗ ଥାନା ଅଞ୍ଚଳରେ ଏକ ଦୁଷ୍କର୍ମ ଘଟଣା ଘଟିଥିଲା। ଘଟଣାର ତଦନ୍ତ ଚଳାଇ ପୁଲିସ ଅଭିଯୁକ୍ତ ସନିଆକୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ବହୁଦିନ ଧରି ଜେଲ୍‌ରେ ରହିବା ପରେ ସନିଆ କୋର୍ଟରୁ ସର୍ତ୍ତମୂଳକ ଜାମିନ୍‌ରେ ମୁକୁଳିଥିଲା। ଏହାପରେ ସେ ଆଦେଶ ମୁତାବକ କୋର୍ଟରେ ଆଉ ହାଜିରା ଦେଇ ନଥିଲା। ଫଳରେ ତା' ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି ହୋଇଥିଲା। ତାକୁ ଗିରଫ କରାଯିବା ଲାଗି ଉଦ୍ୟମ କରାଯାଇଥିଲେ ହେଁ ସେ ଫେରାର ହୋଇଯାଇଥିଲା। ଗତକାଲି ରାତିରେ ସେ ତା'ର ଘରକୁ ଆସିଥିବା ସୂଚନା ମିଳିବା ପରେ ସେଠାରେ ଚଢ଼ଉ କରାଯାଇ ତାକୁ ଗିରଫ କରାଯାଇଥିଲା। ଆଜି ତାକୁ କୋର୍ଟଚାଲାଣ ପରେ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ଦୟାନିଧି ନାୟକ କହିଛନ୍ତି।

## ସ୍ୱପ୍ନ ଫାଉଣ୍ଡେସନ୍ ପକ୍ଷରୁ ବନ୍ଧୁମିଳନ




କଟକ,୧୯ ।୩(ସମିସ): ସ୍ୱପ୍ନ ଫାଉଣ୍ଡେସନ ପକ୍ଷରୁ ନିଆରା ଢଙ୍ଗରେ ଏକ ବନ୍ଧୁ ମିଳନ କରାଯାଇଥିଲା। ଏଥିରେ ଭାଇଚାରା ଓ ବନ୍ଧୁତ୍ୱର ମହକ ବାରି ହୋଇ ପଡ଼ିଥିଲା। ଗୋଟିଏ ସ୍ଥାନରେ ସମାଜର ବିଭିନ୍ନ ବର୍ଗର ଲୋକମାନେ ଏକତ୍ରିତ ହୋଇ ପଖାଳ ଖାଇଥିଲେ। ପ୍ରଭୁ ଜଗନ୍ନାଥଙ୍କ ପ୍ରିୟ ପଖାଳ ଆଜି ସମଗ୍ର ବିଶ୍ୱରେ ଆଦୃତ ଲାଭ କରିଛି। ଯାହା ଜଣେ ଓଡିଆ ହିସାବରେ ଗର୍ବ କରିବା ଉଚିତ ବୋଲି ସ୍ୱପ୍ନ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ସଭାପତି ସୁଧାଂଶୁ ପାତ୍ର ପ୍ରକାଶ କରିଛନ୍ତି। ସ୍ଥାନୀୟ ଚାଉଳିଆଗଞ୍ଜ ସ୍ଥିତ ଶ୍ରୀ ଶ୍ରୀ ମଣ୍ଡପ ପରିସରରେ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଏକ ଭିନ୍ନ ଢଙ୍ଗରେ ପଖାଳ ବଢ଼ା ଯାଇଥିଲା। ଏଥିରେ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା, କର୍ପୋରେଟର, ସାମ୍ବାଦିକ,ସ୍ଥାନୀୟ ମୁରବୀ ଓ ସ୍ୱପ୍ନ ଫାଇଣ୍ଡେସନକୁ ଭଲ ପାଉଥିବା ଲୋକେ ସମବେତ ହୋଇ ଦହି ପଖାଳ ଖାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ, କର୍ପୋରେଟର ସନ୍ତୋଷ ଭୋଳ, ଗଗନ ଓଝା, ସୁବ୍ରତ ଘଡେଇ, ସୁବ୍ରତ ସାମଲ, ମିନା ସାହୁ, ନିରଞ୍ଜନ ସାହୁ, ନିରଞ୍ଜନ ସ୍ୱାଇଁ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ। ଦୃଷ୍ଟିହୀନ ପିଲାଙ୍କ ଗହଣରେ ଏହି ବନ୍ଧୁ ମିଳନ ଓ ପଖାଳ ସେବନ କାର୍ଯ୍ୟକ୍ରମ କରାଯାଇଥିଲା।

## ଚୋର ଗିରଫ

କଟକ,୧୯ ।୩(ସମିସ): ଜଣଙ୍କ ଘରେ ପଶି ଚୋରି ଘଟାଇବା ନେଇ ସିଆରଆରଆଇ ଥାନା ପୁଲିସ ଜଣେ କୁଖ୍ୟାତ ଚୋରକୁ ଗିରଫ କରିଛି। ଅଭିଯୁକ୍ତଜଣକ ହେଲା ସ୍ଥାନୀୟ ନେହେରୁପଲ୍ଲୀ ଅଞ୍ଚଳର ସାଗର ବିଶ୍ୱାଳ(୨୪)। କୋର୍ଟଚାଲାଣ ପରେ ଅଭିଯୁକ୍ତକୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ନେହେରୁ ପଲ୍ଲୀରେ ବିଶ୍ୱନାଥ ଡାଙ୍ଗ ରହୁଛନ୍ତି। ଗତକାଲି ଦିନ ସାଢ଼େ ୧୧ଟାରେ ସେ ପାଖରେ ରହୁଥିବା ଜଣେ ସଂପର୍କୀୟଙ୍କ ଘରକୁ ଯାଇଥିଲେ। ସେଠାରୁ ଫେରିବା ପରେ ଘର ଖୋଲାରହିଥିବା ଏବଂ ଭିତରେ ଥିବା ସାଇକଲ ଓ ମୋବାଇଲ ଚୋରିଯାଇଥିବା ଦେଖି ତୁରନ୍ତ ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ଆଧାରରେ ମାମଲା ରୁଜୁକରି ଏସଆଇ ବିକାଶକୁମାର ମଲ୍ଲିକ ଘଟଣାର ତଦନ୍ତ ଚଳାଇଥିଲେ। ସେହି ଅଞ୍ଚଳର କୁଖ୍ୟାତ ଚୋର ସାଗର ଏହି ଚୋରି ଘଟାଇଥିବା ଜଣାପଡିବା ପରେ ପୁଲିସ ତାକୁ ଗିରଫ କରିଥିଲା। ଅଭିଯୁକ୍ତ ସାଗର ପୂର୍ବରୁ ୬ରୁ ଉର୍ଦ୍ଧ୍ୱ ଚୋରି ଘଟଣାରେ ଚାଉଳିଆଗଞ୍ଜ ଥାନା ପୁଲିସ ହାତରେ ଧରାପଡ଼ି ଜେଲ ଯାଇଥିବା ତଦନ୍ତରୁ ଜଣାପଡିଛି।

### କଟକରେ ଦୋଳ ମେଳଣ ଆରମ୍ଭ

# ସୁନା ବିମାନରେ ଭୋଗ ଖାଇଲେ ଠାକୁର



କଟକ,୧୯।୩(ସମିସ)

ମଙ୍ଗଳବାର ଠାରୁ ରୌପ୍ୟନଗରୀ କଟକରେ ଆରମ୍ଭ ହୋଇଛି ଦୋଳ ମେଳଣ। ରାଜ୍ୟର ପ୍ରଥମ ସୁନା ବିମାନ ତିଆରି କରି ଇତିହାସ ରଚିଥିବା କାଠଗଡା ସାହିର ସୁବର୍ଣ୍ଣ ଦୋଳ ବିମାନଟି ଉନ୍ମୋଚନ ହେବା ସହ ମେଳଣରେ ସାମିଲ ହୋଇଥିଲା। ସାହିର ମଦନମୋହନ ଜୀଉଙ୍କ ପୀଠରେ ପୂଜାପାଠ ଓ ହୋମଯଜ୍ଞ କରି ରାଧା, କୃଷ୍ଣଙ୍କୁ ବିମାନରେ ବିରାଜମାନ କରାଯିବା ଏହି ବିମାନକୁ ଉନ୍ମୋଚନ କରାଯାଇଥିଲା। ସୁନା ବିମାନଟି ନିର୍ମାଣ ପାଇଁ କୌଣସି ଚାନ୍ଦା ଆଦାୟ ନକରି ପୂଜା କମିଟିର ଟଙ୍କାରେ ଏହା ତିଆରି କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ତଳତେଲେଙ୍ଗା ବଜାର ରଘୁନାଥ ଜୀଉଙ୍କ ଦୋଳ ମେଳଣରେ ଏହି ସୁନା ବିମାନ ପ୍ରଥମ ଥର ପାଇଁ ଯୋଗ ଦେଇଥିଲା। ପୁଲିସର ସୁରକ୍ଷା ବଳୟ ଭିତରେ ସୁନା ବିମାନକୁ ମେଳଣକୁ ନିଆଯାଇଥିଲା। ପ୍ରକାଶଯୋଗ୍ୟ, କାଠଗଡା ସାହି ମଦନ ମୋହନ ଜୀଉ ପୂଜା କମିଟି ପକ୍ଷରୁ ସୁନାରେ ଏକ ବିମାନ ତିଆରି କରାଯାଇଛି। ପ୍ରାୟ ୨ କୋଟି ଟଙ୍କା ବିନିଯୋଗରେ ଅଢ଼େଇ କେଜି ସୁନାରେ ଏଭଳି ଏକ ବିମାନ ତିଆରି କରି କାଠଗଡା ସାହି ମଦନ ମୋହନ ଜୀଉ ପୂଜା କମିଟି ଚର୍ଚ୍ଚାକୁ ଆସିଛି।





(କାଳବୈଶାଖୀ ପ୍ରଭାବରେ ଅଦିନିଆ ବର୍ଷା)

## ୧୫ ଡାକ୍ତରଙ୍କୁ ପଦୋନ୍ନତି

**କଟକ,୧୯।୩(ସମିସ):** ଏସ୍‌ସିବିର ୧୫ ଜଣ ଡାକ୍ତରଙ୍କୁ ସମୟ ନିର୍ଦ୍ଧାରିତ ପଦୋନ୍ନତି ଦିଆଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିର୍ବାଚନ ଆଚରଣବିଧି ଲାଗୁ ହେବା ପୂର୍ବରୁ ଉକ୍ତ ଡାକ୍ତରମାନଙ୍କୁ ପଦୋନ୍ନତି ମିଳିଥିବା ଜଣାପଡ଼ିଛି। ନ୍ୟୁରୋଲୋଜି ବିଭାଗର ଡାକ୍ତର କାଳି ପ୍ରସନ୍ନ ସ୍ୱାଇଁ, ସର୍ଜରି ବିଭାଗର ଡାକ୍ତର ରାଜେଶ କୁମାର ଦୋରା, ନ୍ୟୁରୋ ସର୍ଜରୀର ଡାକ୍ତର ଶ୍ରୀକାନ୍ତ ଦାସ, କାର୍ଡିଓଲୋଜି ବିଭାଗର ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର, ଡାକ୍ତର ନିର୍ମଳ କୁମାର ମହାନ୍ତି, ଡାକ୍ତର ବିଶ୍ୱଜିତ୍ ଦାସ, ନିଶ୍ଚେତକ ବିଭାଗର ଡାକ୍ତର ଦେବଦାସ ବିଶ୍ୱାଳ, ଡାକ୍ତର ମିହିର ରଞ୍ଜନ ନାଏକ, ଶିଶୁରୋଗ ଡାକ୍ତର ସୁମନ୍ତ ପାଣିଗ୍ରାହୀ, ଡାକ୍ତର ସ୍ୱରୂପା ପଣ୍ଡା, ପାଥୋଲୋଜିର ଡାକ୍ତର ଚନ୍ଦ୍ର ଶେଖର ମହାପାତ୍ରଙ୍କୁ ପଦୋନ୍ନତି ମିଳିଛି।

## ଚେକ୍ ବାଉନ୍ସ ଘଟଣାରେ ମହିଳା ଗିରଫ

କଟକ,୧୯ ।୩(ସମିସ): ଲାଲବାଗ ଥାନା ପୁଲିସ ଏକ ଚେକ୍ ବାଉନ୍ସ ମାମଲାରେ ଅଲିଶାବଜାର କେଉଟସାହିର ଲକ୍ଷ୍ମୀପ୍ରିୟା ବେହେରାକୁ ଗିରଫ କରି କୋର୍ଟଚାଲାଣ କରିଛି। ଲକ୍ଷ୍ମୀପ୍ରିୟା ଜଣକୁ ଲକ୍ଷାଧିକ ଟଙ୍କାର ଚେକ୍ ଦେଇଥିଲେ। ତେବେ ତାଙ୍କ ବ୍ୟାଙ୍କ୍ ଜମାଖାତାରେ ଟଙ୍କା ନ ଥିବାରୁ ତାହା ବାଉନ୍ସ ହୋଇ ଯାଇଥିଲା। ଏହାପରେ ସେ ଉକ୍ତ ଟଙ୍କା ଦେଇଦେବା ଲାଗି ବାରମ୍ବାର ସମୟ ଗଡ଼ାଇ ଚାଲିଥିଲେ। ଫଳରେ ଟଙ୍କା ନ ମିଳିବାରୁ ବ୍ୟକ୍ତିଜଣକ କୋର୍ଟର ଆଶ୍ରୟ ନେଇଥିଲେ। ତାଙ୍କୁ ଗିରଫ କରିବା ଲାଗି କୋର୍ଟ ଲାଲବାଗ ଥାନା ପୁଲିସକୁ ଆଦେଶ ଦେଇଥିଲେ। ଏହି ବଳରେ ଆଜି ଲକ୍ଷ୍ମୀପ୍ରିୟାଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଦୟାନିଧି ନାୟକ ସୂଚନା ଦେଇଛନ୍ତି।

**ପୁରୁଣା ଗୃହ ଉପରେ ନୂତନ ଗୃହ ନିର୍ମାଣ**

# ବାଜିରେ ଲାଗିଛି ଛାତ୍ରଛାତ୍ରୀଙ୍କ ଜୀବନ

**ମାହାଙ୍ଗା,୧୯।୩(ସମିସ)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ମଉଦା ଗ୍ରାମପଞ୍ଚାୟତର ମଉଦା ଗ୍ରାମରେ ଥିବା ମଧୁସୂଦନ ଜଗନ୍ନାଥ ସରକାରୀ ହାଇସ୍କୁଲ ପରିସରରେ କ୍ଷେତ୍ରମଣୀ ପ୍ରାଇମେରୀ ସ୍କୁଲର ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇ ନୂତନ ଗୃହ ନିର୍ମାଣ ବଦଳରେ ଏକ ପୁରୁଣା ଜରାଜୀର୍ଣ୍ଣ ଗୃହ ଉପରେ ଉକ୍ତ ଅନୁଦାନ ରାଶିର ଅର୍ଥକୁ ବିନିଯୋଗ କରୁଥିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରକାଶ ଯେ, ଏହି ପ୍ରକଳ୍ପଟି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଉକ୍ତ ପଞ୍ଚାୟତ ପାଇଁ ନିଯୁକ୍ତ ଥିବା ବ୍ଲକ କନିଷ୍ଠ ଯନ୍ତ୍ରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ନିର୍ମାଣ କାର୍ଯ୍ୟ କରାଯାଉଛି। ୨୦୦୭ ମସିହାରେ ସର୍ବ ଶିକ୍ଷା ଅଭିଯାନ ପକ୍ଷରୁ ଅର୍ଥ ମଞ୍ଜୁର କରାଯାଇ ବିଦ୍ୟାଳୟ ପରିସରରେ ନିମ୍‌ଟାଲ ପର୍ଯ୍ୟନ୍ତ ଏକ ଗୃହ ନିର୍ମାଣ କରାଯାଇଥିଲା। ସେ ସମୟରେ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହେଲା ପରେ ନିର୍ମାଣ କାର୍ଯ୍ୟ ବନ୍ଦ କରାଯାଇ ଅର୍ଦ୍ଧନିର୍ମିତ ଗୃହଟିକୁ ସଂପୂର୍ଣ୍ଣ ନ କରି ବକେୟା ଅର୍ଥ ଫେରସ୍ତ ହୋଇଥିଲା। କିନ୍ତୁ ଦୀର୍ଘ ୧୫ ବର୍ଷ ପରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ମଞ୍ଜୁର ହୋଇଥିବା ୧୦ ଲକ୍ଷ ଟଙ୍କାକୁ ବିନିଯୋଗ କରି ନିର୍ମାଣ କାର୍ଯ୍ୟ କରାଯାଉଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଭାବେ କରାଯାଉଥିବା



ଏହି କାର୍ଯ୍ୟକ୍ରମ ନିମନ୍ତେ ଥିବା ନିୟମାବଳୀକୁ ସଂପୂର୍ଣ୍ଣ ରୂପେ ଅଣଦେଖା କରି ଏକ ନୂତନ ଗୃହ ବଦଳରେ ପୁରୁଣା ପରିତ୍ୟକ୍ତ ଘର ଉପରେ ନିର୍ମାଣ କରାଯିବାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷରେ ଏକ ପୁରୁଣା ବିପଦପୂର୍ଣ୍ଣ କାନ୍ଥ ଉପରେ ନିର୍ମାଣ କାର୍ଯ୍ୟ ସୁରକ୍ଷିତ ନ ହେବା ସହ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉକ୍ତ ଗୃହରେ ପାଠପଢିବା ପାଇଁ ନିରାପଦ ନୁହେଁ ବୋଲି ଅଭିଭାବକ ମହଲରେ ଆଲୋଚନା ହେଉଛି। ସରକାରଙ୍କ ସ୍ଥିରିକୃତ ନିୟମାବଳୀକୁ ବେଖାତିରି କରି ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀମାନେ କରୁଥିବା ବେଆଇନ କାର୍ଯ୍ୟକୁ ବିରୋଧ କରି ସ୍ଥାନୀୟ ଗ୍ରାମବାସୀମାନେ ଲୋକାୟୁକ୍ତ ଓଡିଶା, ୫-ଟି ଅଧ୍ୟକ୍ଷ, କଟକ ଜିଲ୍ଲାପାଳ, କ୍ୱାଲିଟ୍ କଂଟ୍ରୋଲ ଭୁବନେଶ୍ୱର, ରାଜ୍ୟ ଦୁର୍ନୀତି ନିବାରଣ ନିର୍ଦ୍ଦେଶକ ଓ ମାହାଙ୍ଗା ବିଡିଓଙ୍କଠାରେ ଅଭିଯୋଗ କରିବା ସହ ଉକ୍ତ ଘଟଣାର ତଦନ୍ତ କରି ସଂପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଅଭିଯୋଗ ପରେ ଏଥିନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସ୍ଥାନୀୟ ଗ୍ରାମବାସୀମାନେ ବାଧହୋଇ ଆଇନର ଆଶ୍ରୟ ନେବେ ବୋଲି ସୂଚନା ଦେଇଛନ୍ତି। ଏ ସଂପର୍କରେ ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରଦ୍ୟୁତ ସାହୁଙ୍କୁ ଯୋଗାଯୋଗ କରିବାରୁ ଅଭିଯୋଗ ପାଇବା ପରେ କାର୍ଯ୍ୟକୁ ବନ୍ଦ କରିବା ସହ ସରକାରଙ୍କ ନିୟମ ଅନୁଯାୟୀ କାର୍ଯ୍ୟ କରିବା ପାଇଁ କହିଥିବା ନେଇ ସୂଚନା ଦେଇଛନ୍ତି।

# ଚାରଣ ଗୋଷ୍ଠୀ ପକ୍ଷରୁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

**ସନ୍ତାନଙ୍କୁ ଆଧ୍ୟାତ୍ମିକ ଚେତନା ପ୍ରଦାନ କରାଗଲେ ଅବହେଳିତ ହେବେ ନାହିଁ ପିତାମାତା**

**ବାରଙ୍ଗ,୧୯।୩(ସମିସ):** ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପୁରୀ ଅଧୀନ ମଧୁପୁର ଶାଖା ତତ୍ତ୍ୱବଧାନରେ ବିଷ୍ଣୁ ଚରଣ ସାହୁ ସ୍ମୃତି ସଂସଦ ଆନୁକୂଲ୍ୟରେ ଆମ ଚଳନ୍ତି ଦେବତା -ବାପା ମାଆ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଯାଇଛି। ଚାରଣ ମାନେ ପ୍ରଥମେ ବିଷ୍ଣୁ ସହସ୍ରନାମ ପାଠ ସହିତ ଶ୍ରୀମଦ୍ଭଗବଦ୍ ଗୀତା , ହନୁମାନ ଚାଳିଶା ପାଠ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥଲେ। ଆଧୁନିକ ଯୁଗରେ ପିତାମାତାଙ୍କୁ ଅବହେଳିତ କରୁଥିବା ସନ୍ତାନଙ୍କୁ ସଠିକ ଭାବରେ ଆଧ୍ୟାତ୍ମିକ ଚେତନା ପ୍ରଦାନ କରାଗଲେ ବୃଦ୍ଧାବସ୍ଥାରେ ପିତାମାତା ଅବହେଳିତ ହେବେ ନାହିଁ ବୋଲି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷା ଦିଆଗଲେ ଉତ୍ତମ ହେବ ବୋଲି ଉଦଘାଟନୀ ଅଭିଭାଷଣରେ ଡଃ ପ୍ରଭୁ ଚରଣ ମହାନ୍ତି କହିଥିଲେ। ଗୋବର୍ଦ୍ଧନ ମଠର ଆଦିତ୍ୟ ବାହିନୀର ମହାସଚିବ ଡଃ ଶୁଭେନ୍ଦୁ ସ୍ୱାଇଁ ଆଦର୍ଶ ପିତାମାତାଙ୍କ ଆଦର୍ଶ ପୁତ୍ର କନ୍ୟା ହୋଇପାରିବେ ବୋଲି ଅଭିଭାଷଣରେ କହିଥିଲେ। ଶ୍ରୀଜଗନ୍ନାଥ ପାଟ ସେବା ପରିଷଦର ସଭାପତି ଦୁର୍ଯ୍ୟୋଧନ ସାହୁ, ସମର୍ପଣ ପରିବାରର ସମ୍ପାଦକ ତୀର୍ଥବାସୀ ବେହେରା, ଭିଜିଲାନ୍ସ ଡିଏସପି ପୁଷ୍ପଲତା ଜେନା, କବି ଅନ୍ନପୂର୍ଣ୍ଣା ଦାସ, ବୋଲଗଡ଼ ଅଞ୍ଚଳର କୁନି ନୃତ୍ୟଶିଳ୍ପୀ ସାଇ ସୌମ୍ୟକାନ୍ତ, ତୃପ୍ତିମୟୀ ଖଟୁଆ, ସମାଜସେବୀ ଅଭିମନ୍ୟୁ ବେହେରା ଓ ଡ. ପ୍ରଭୁ ଚରଣ ମହାନ୍ତିଙ୍କୁ ବିଷ୍ଣୁ ଚରଣ ସାହୁ ସ୍ମୃତି ସଂସଦ ସମ୍ପାଦିକା ମହାପ୍ରସାଦ, ମାନପତ୍ର ଓ ଉପଢ୍ୌକନ ଦେଇ ସମ୍ମାନିତ କରିଥିଲେ। ବାରଙ୍ଗ ମଧୁପୁର ଶାଖାର ଦଳପତି ଭାସ୍କର ପ୍ରଧାନ ଏବଂ ସଦର ସଂଗଠକ ପ୍ରକାଶ ଚନ୍ଦ୍ର ପାଣିଙ୍କ ସହଯୋଗ କ୍ରମେ ଏହି କାର୍ଯ୍ୟକ୍ରମ ସମ୍ପାଦନା କରୁଥିବା ବେଳେ କଟକ ଜିଲ୍ଲା ସଂଗଠକ ଲିଙ୍ଗରାଜ ପତି ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଗୁରୁ ମନମୋହନ ଶର୍ମାଙ୍କ ନିର୍ଦ୍ଦେଶନାରେ ଇଣ୍ଡିଆନ୍ ଡ୍ୟାନ୍ସ ଏକାଡେମୀର କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଆଲୋକ ସାହୁ, ପ୍ରଦୀପ୍ତ ସାହୁ, ପଦି ପାତ୍ର, ବସନ୍ତ ବେଉରା, ଅଜିତ ମହାନ୍ତି ଆଦି ବିଶେଷ ବ୍ୟକ୍ତିଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ବାଲିପଡା ଶାଖା ଦଳପତି ଉମେଶ ବସ୍ତିଆ, ଖାନନଗର ଶାଖା ଦଳପତି ବସନ୍ତ ସାହୁ, ପିଠାପୁର ଶାଖା ଦଳପତି ମନୋଜ ନାୟକ, ସୁଶାନ୍ତ ସାହୁ, ସୁଶାନ୍ତ ଦାସ, ସଂଗଠକ ତରଣୀସେନ ଲେଙ୍କା, ଦିଲ୍ଲୀପ ପାଣି, ଲିପିକା ଶର୍ମା ସମେତ ସୀତାକାନ୍ତ ରାମଲୀଳା ସମିତିର ସମସ୍ତ ସଦସ୍ୟ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



**● ମେ ୨୫ରେ ବାଙ୍କୀ ନିର୍ବାଚନମଣ୍ଡଳୀରେ ଭୋଟ**

# ୨ଲକ୍ଷ ୧୭ ହଜାର ୭୩୪ ମତଦାତା କରିବେ ମତଦାନ

**ବାଙ୍କୀ,୧୯।୩(ସମିସ)**

ଆସନ୍ତା ମେ ୨୫ତାରିଖରେ ବାଙ୍କୀ ନିର୍ବାଚନମଣ୍ଡଳୀରେ ବିଧାନସଭା ଓ ଲୋକସଭା ପାଇଁ ଭୋଟଗ୍ରହଣ କରାଯିବ। ଏହି ନିର୍ବାଚନ ମଣ୍ଡଳୀରେ ସମୁଦାୟ ୨ଲକ୍ଷ ୧୭ହଜାର ୭୩୪ଜଣ ମତଦାତା ସେମାନଙ୍କର ମତଦାନ କରିବେ। ସେଥିମଧ୍ୟରୁ ପୁରୁଷ ୧ ଲକ୍ଷ ୧୩ ହଜାର ୭୩, ମହିଳା ୧ଲକ୍ଷ ୪ ହଜାର ୬୫୨ଜଣ ଥିବା ବେଳେ ତୃତୀୟ ଲିଙ୍ଗୀ ଭୋଟର ୯ଜଣ ଅଛନ୍ତି। ସମୁଦାୟ ବାଙ୍କୀ ନିର୍ବାଚନମଣ୍ଡଳୀରେ ମତଦାନ ପାଇଁ ୨୩୭ଟି ବୁଥ୍ ସ୍ଥାପନ କରାଯାଇଛି। ଏଥର ୮୦ବର୍ଷରୁ ଉଦ୍ଧ୍ୱର୍ ୫ହଜାର ୮୧୫ଜଣ ବରିଷ୍ଠ ନାଗରିକ, ଭିନ୍ନକ୍ଷମ ୪ହଜାର ୨୮୬, ନୂତନ ଯୁବଭୋଟର ୫ ହଜାର ୮୩୨ ଜଣ ନିଜ ନିଜର ମତଦାନ କରିବେ ବୋଲି ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ବାଙ୍କୀ ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ଦେବୀପ୍ରସାଦ ମହାନ୍ତି ବାଙ୍କୀରେ ସାଧାରଣ ନିର୍ବାଚନ କିପରି ଶାନ୍ତିଶୃଙ୍ଖଳାରେ ଅନୁଷ୍ଠିତ ହେବ ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯିବା ସହ ସମସ୍ତ ଭୋଟରମାନେ ଭୋଟକେନ୍ଦ୍ରକୁ ଆସି ନିର୍ଭୟରେ ସେମାନଙ୍କର ମତଦାନ କରିବା ପାଇଁ ଅନୁରୋଧ କରିଛନ୍ତି।

# ପୋଲରୁ ଖସିଲା ଯାତ୍ରୀବାହୀ ବସ; ବର୍ତ୍ତିଲେ ୩୮ ଯାତ୍ରୀ

**ଆଠଗଡ଼,୧୯।୩(ସମିସ):** ସୋମବାର ବିଳମ୍ବିତ ରାତିରେ ଭୁବନେଶ୍ୱରରୁ କୁଚିଣ୍ଡା ଯାଉଥିବା ମା' ଭୁବନେଶ୍ୱରୀ ଯାତ୍ରୀବାହୀ ବସ ଖୁଣ୍ଟୁଣୀ ଥାନା ଭୋଗରା ନିକଟରେ ଏକ ପୋଲ ସହିତ ଧକ୍କା ହୋଇ ୧୦ ଫୁଟ ତଳକୁ ଝୁଲି ରହିଥିଲା। ଦୁର୍ଘଟଣାରେ ଗାଡ଼ିର ଚାଳକ ଆହତ ହୋଇଥିବା ବେଳେ ୩୮ ଯାତ୍ରୀଙ୍କ ସହ କଣ୍ଡକ୍ଟର ଓ ଅନ୍ୟ ଜଣେ ଚାଳକ ସୁରକ୍ଷିତ ଭାବେ ରକ୍ଷା ପାଇଯାଇଛନ୍ତି। ବସଟି ଭୁବନେଶ୍ୱରରୁ ଆସି ଖୁଣ୍ଟୁଣୀର ଏକ ଢ଼ାବାରେ ଖିଆପିଆ ସାରି ଏକ କିଲୋମିଟର ଯାଇଥିବା ବେଳେ ବସର ଚାଳକ ଅସୁସ୍ଥ ହୋଇ ନିୟନ୍ତ୍ରଣ ହରାଇଥିଲେ। ଖବର ପାଇ ଖୁଣ୍ଟୁଣୀ ପୁଲିସ ଚାଳକକୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଆଠଗଡ଼ ପଠାଇବା ସହ ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ଆଜି ବସକୁ ରାସ୍ତାରୁ ହଟାଯାଇଛି।




**ବଡ଼ ମେଡିକାଲରେ ଅଭାବନୀୟ ଦୃଶ୍ୟ**

# ବେଡସିଟ୍ ଗାଏବ; ଶଯ୍ୟାରେ ଚିରାଫଟା ଗଦି

**କଟକ,୧୯।୩(ସମିସ)**

ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ବିଶ୍ୱସ୍ତରୀୟ କରାଯିବ। ଏହା ରାଜ୍ୟ ସରକାରଙ୍କ ସ୍ୱପ୍ନ। କୋଟି କୋଟି ଟଙ୍କା ବ୍ୟୟରେ ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି। ମାତ୍ର ପ୍ରଶାସନିକ ଅବହେଳା ଯୋଗୁଁ ବଡ ମେଡିକାଲ ବିଭିନ୍ନ ସମୟରେ ନିନ୍ଦା ମୁଣ୍ଡାଉଛି। ସାମାଜିକ କର୍ମୀ ବୃନ୍ଦାବନ ଦାସ ଆଜାଦ୍ ମଙ୍ଗଳବାର ଟୁଇଟ୍ ମାଧ୍ୟମରେ ଅଭିଯୋଗ ଉଠାଇବା ସହ କିଛି ଫଟୋ ଜାରି କରିଛନ୍ତି। ଡାଇରିଆ ୱାର୍ଡରେ ରୋଗୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଶଯ୍ୟାରେ ବେଡସିଟ୍ ନାହିଁ। ଶଯ୍ୟାରେ ଥିବା ଗଦି ଚିରାଫଟା ଅବସ୍ଥାରେ ପଡ଼ି ରହିଛି। ଏ ନେଇ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଅଭିଯୋଗ କରିଛନ୍ତି। କିଛି ଦିନ ପୂର୍ବେ ଏଭଳି ଆଉ ଏକ ଅଭିଯୋଗ ମଧ୍ୟ ଆସିଥିଲା। ଥାଲାସେମିଆ ରୋଗୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଶଯ୍ୟାରେ ବେଡସିଟ୍ ଦିଆଯାଉ ନ ଥିବା ନେଇ ସାମାଜିକ କର୍ମୀ ଦୀପ୍ତିରଞ୍ଜନ ଅଭିଯୋଗ କରିଥିଲେ। ମତାମତ ନିମନ୍ତେ ଏସ୍‌ସିବି ପ୍ରଶାସନିକ ଅଧିକାରୀ ଡାକ୍ତର ଅବିନାଶ ରାଉତଙ୍କୁ ଫୋନ କରାଯାଇଥିଲେ ମଧ୍ୟ ଉତ୍ତର ମିଳିପାରିନାହିଁ।





ପ୍ରକାଶ ଥାଉକି, ପ୍ରତ୍ୟେକ ରୋଗୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି। ମାତ୍ର ପ୍ରଶାସନିକସ୍ତରରେ ଅଣଦେଖା ଓ ଅବହେଳା ଯୋଗୁଁ ରୋଗୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେବେ ଗତବର୍ଷ ଏସ୍‌ସିବି କର୍ତ୍ତୃପକ୍ଷ ଏକ ଘୋଷଣା କରିଥିଲେ। ପ୍ରତ୍ୟେକ ଦିନ ରୋଗୀଙ୍କ ଶଯ୍ୟାରେ ଭିନ୍ନ ଭିନ୍ନ ରଙ୍ଗର ବେଡସିଟ୍ ପକାଯିବ। ସୁସ୍ଥ ପରିବେଶ ଗଠନ ଦିଗରେ ଏହି ପଦକ୍ଷେପ ନିଆଯିବ ବୋଲି କୁହାଯାଇଥିଲା। ଏପରିକି ଏ ବାବଦରେ ମାସିକ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଜନୈକ ଅଧିକାରୀ କହିଥିଲେ। ହେଲେ ଏହି ଘୋଷଣା କାର୍ଯ୍ୟକାରୀ ସଠିକ ଢ଼ଙ୍ଗରେ ହୋଇପାରିନାହିଁ। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି।

## ଦୁର୍ଘଟଣା ଘଟାଇଥିବା ଫେରାର ଡ୍ରାଇଭର ଗିରଫ

**କଟକ,୧୯ ।୩(ସମିସ):** ଦୁର୍ଘଟଣା ଘଟାଇ ଜଣକର ମୃତ୍ୟୁ ଘଟିବା ପରେ ଫେରାର ଥିବା ଅଭିଯୁକ୍ତକୁ ଆଜି ଲାଲବାଗ ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତଜଣକ ହେଉଛି କାଫଲା ବଜାରର ବେଣୁଧର ଦାସ।

୨୦୦୭ରେ ବେଣୁଧର କାର ଚଳାଇ ଯାଉଥିବା ବେଳେ ଜଣେ ବ୍ୟକ୍ତିକୁ ଧକ୍କା ଦେଇଥିଲେ। ଫଳରେ ବ୍ୟକ୍ତିଜଣକ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ପୁଲିସ ବେଣୁଧର ବିରୋଧରେ ହତ୍ୟା ମାମଲା ରୁଜୁ କରିଥିଲା। ଏହି ଘଟଣାରେ ବେଣୁଧରକୁ ପୁଲିସ ଗିରଫ କରିଥିଲା,ହେଲେ ଜାମିନ୍‌ରେ ଖଲାସ ହେବାପରେ ବେଣୁଧର କୋର୍ଟଙ୍କ ସର୍ତ୍ତକୁ ମାନି ନଥିଲା। ଏହାପରେ ସେ କାଫଲାବଜାରରେ ଆସି ରହୁଥିଲା। ତାକୁ ଗିରଫ କରିବା ଲାଗି କୋର୍ଟ ଆଦେଶ ଦେଇଥିଲେ। ଏହାକୁ ଭିତ୍ତିକରି ପୁଲିସ ବେଣୁଧର ସଂପର୍କରେ ସନ୍ଧାନ ନେବାପରେ ଆଜି ତାକୁ ଗିରଫ କରି ଜେଲ ହାଜତକୁ ପଠାଇ ଦେଇଛି।

### ନିର୍ବାଚନ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି

# ୧୮୪ ବୁଥ୍‌ରେ ଭୋଟ ଦେବେ ୧.୬୭ ଲକ୍ଷ ମତଦାତା

**ନିଶ୍ଚିନ୍ତକୋଇଲି, ୧୯।୩(ସମିସ)**



ସାଧାରଣ ନିର୍ବାଚନ ୨୦୨୪ ତାରିଖ ଘୋଷଣା ହେବା ପରେ ନିଶ୍ଚିନ୍ତକୋଇଲି ବ୍ଲକ ଓ ତହସିଲ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଆଗାମୀ ନିର୍ବାଚନରେ ଶୃଙ୍ଖଳା ଓ ସ୍ୱଚ୍ଛତା ରକ୍ଷା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହି ବ୍ଲକର ୨୭ଟି ପଞ୍ଚାୟତ ମାହାଙ୍ଗା ବିଧାନସଭା କ୍ଷେତ୍ର ଓ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ର ଅଧୀନରେ ରହିଥିବା ବେଳେ ୧୪ଟି ପଞ୍ଚାୟତ କଟକ ସଦର ବିଧାନସଭା କ୍ଷେତ୍ର ଏବଂ କଟକ ଲୋକସଭା କ୍ଷେତ୍ର ଅଧୀନରେ ରହିଛି। ୯୫-ମାହାଙ୍ଗା ନିର୍ବାଚନ ମଣ୍ଡଳୀ ପାଇଁ ୧୨୪ଟି ବୁଥ୍ ଏବଂ ୯୩-ସଦର ନିର୍ବାଚନ ପାଇଁ ମୋଟ ୬୦ଟି ବୁଥ୍ କରାଯାଇଛି। ଏହି ୬୦ଟି ବୁଥରେ ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ର୍‌ୟାମ୍ପ ବ୍ୟବସ୍ଥା ହୋଇଥିବା ବେଳେ ପାଇଖାନା, ବିଜୁଳି ଓ ପାନୀୟଜଳ ମଧ୍ୟ ବ୍ୟବସ୍ଥା କରାଯାଇଛି। ଚଳିତ ନିର୍ବାଚନରେ ୬୦ଭାଗ ବୁଥ୍‌ରେ ୱେବ କାଷ୍ଟିଂ ବ୍ୟବସ୍ଥା କରାଯିବା ସହିତ, ୨୦ ଭାଗ ବୁଥକୁ ଆଦର୍ଶ ବୁଥ୍ ଭାବେ ନିଆଯିବ। ବୟୋଜ୍ୟେଷ୍ଠ ଭୋଟରଙ୍କ ପାଇଁ ମତଦାନ ସମୟରେ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ କରାଯାଇଛି। ନିର୍ବାଚନ ପୂର୍ବରୁ ଏକ ମାସ ଧରି ଇଭିଏମ୍ ଭିଭିପାଟ ତାଲିମ ୪୧ଟି ପଞ୍ଚାୟତରେ ଭୋଟରଙ୍କୁ ପ୍ରଦାନ କରାଯାଇଛି। ଏହାଛଡ଼ା ଭୋଟ ସମୟରେ ବୁଥ୍ ପରିଚାଳନା ପାଇଁ ନିୟୋଜିତ ହେବାକୁ ଥିବା ବୁଥ୍ ଲେଭୁଲ ଅଫିସରଙ୍କ ମଧ୍ୟ ତାଲିମ ଦେବା କାର୍ଯ୍ୟ ଶେଷ ହୋଇଛି। ଆଚରଣ ବିଧି ଲାଗୁ ହେବା ପରେ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶରେ ଦୁଇ ପ୍ରଶାସନ ପକ୍ଷରୁ ଦଳୀୟ ଫଟୋଚିତ୍ର ଥିବା ହୋର୍ଡିଂ ଓ ବ୍ୟାନରକୁ ମଧ୍ୟ ହଟାଯାଇଛି। ଏହାଛଡ଼ା ଚଳିତ ନିର୍ବାଚନ ପାଇଁ ଶତକଡ଼ା ୭ ଭାଗ ନୂତନ ଭୋଟରମାନଙ୍କୁ ମଧ୍ୟ ଭୋଟର ତାଲିକାରେ ସାମିଲ କରାଯାଇଛି। ଚଳିତ ନିର୍ବାଚନରେ ନିଶ୍ଚିନ୍ତକୋଇଲି ବ୍ଲକର ମୋଟ ୪୧ଟି ପଞ୍ଚାୟତରେ ୧୮୪ଟି ବୁଥ୍‌ରେ ୧ଲକ୍ଷ ୬୭ହଜାର ୬୦୭ ଜଣ ଭୋଟର ସେମାନଙ୍କର ମତଦାନ ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରୁ ପୁରୁଷ ମତଦାତା ୮୬ହଜାର ୨୯୦ ଏବଂ ମହିଳା ମତଦାତା ୮୧ ହଜାର ୩୦୯ ହୋଇଥିବା ବେଳେ ୮ ଜଣ ତୃତୀୟ ଲିଙ୍ଗ ଭୋଟର ରହିଥିବା ଜଣାଯାଇଛି। ମାହାଙ୍ଗା ବିଧାନସଭା କ୍ଷେତ୍ରରେ ୧୨୪ଟି ବୁଥରେ ପୁରୁଷ ଭୋଟର ୫୮ ହଜାର ୩୩ଜଣ ଓ ମହିଳା ଭୋଟର ୫୪ହଜାର ୯୫୩ଜଣ ଓ ତୃତୀୟ ଲିଙ୍ଗ ଭୋଟର ୬ଜଣ ମୋଟ ମିଶି ୧ଲକ୍ଷ ୧୨ହଜାର ୯୯୨ ଜଣ ଭୋଟ ଦେବାକୁ ରହିଥିବାବେଳେ ସଦର ନିର୍ବାଚନ ମଣ୍ଡଳୀରେ ୬୦ଟି ବୁଥରେ ୨୮ହଜାର ୨୫୭ ଜଣ ପୁରୁଷ ଭୋଟର, ୨୬ହଜାର ୩୫୬ଜଣ ମହିଳା ଭୋଟର ଓ ୨ ଜଣ ତୃତୀୟ ଲିଙ୍ଗ ଭୋଟର ମୋଟ ୫୪ହଜାର ୬୧୫ ମତଦାତା ମଦଦାନ କରିବେ ବୋଲି ଜଣାଯାଇଛି। ବ୍ଲକ ନିର୍ବାଚନ ଅଧିକାରୀ ଭାବେ ବିଡ଼ିଓ ବିରଞ୍ଚି ନାରାୟଣ ବେହେରା, ତହସିଲଦାର ଅନିତା ନାୟକ ରହିଥିବା ବେଳେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣି ଅଫିସର ଭାବେ ରାଜସ୍ୱ ବିଭାଗ ଏଡିଏମ୍ ଉମାକାନ୍ତ ରାଜ ଏବଂ କଟକ ସଦର ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣି ଅଫିସର ଭାବେ ଶିବଶଙ୍କର ଟପୋ ରହିଛନ୍ତି। ଜିପିଓ ମନୋଜ କୁମାର ପ୍ରତିହାରୀ, ଅତିରିକ୍ତ ତହସିଲଦାର ଅଭୟ କୁମାର ପ୍ରତିହାରୀ, ଅତିରିକ୍ତ ବିଡିଓ ଅଶୋକ କୁମାର ମହାନ୍ତି ସେମାନଙ୍କର ସହଯୋଗୀ ଭାବେ ନିର୍ବାଚନରେ କାର୍ଯ୍ୟ କରିବେ ବୋଲି ଜଣାଯାଇଛି।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**● ଉତ୍ତ୍ୟକ୍ତ ଲୋକଙ୍କ ଜାତୀୟ ରାଜପଥ ଅବରୋଧ**

**ଚୌଦ୍ୱାର, ୧୯।୩(ସମିସ):** ୫୫ନମ୍ବର ଜାତୀୟ ରାଜପଥର ଚୌଦ୍ୱାର ନିକଟ ଧୂମାବତୀ ଛକରେ ସଡ଼କ ଦୁର୍ଘଟଣାରେ ଜନୈକ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ ଯୁବକ ଜଣକ ହେଲେ ଚୌଦ୍ୱାର ପୌରପାଳିକା ୧୩ନଂ ୱାର୍ଡ ପାଇକରାପୁର ଗ୍ରାମର ସୋମନାଥ ସ୍ୱାଇଁ। ସୋମନାଥ ସବୁଦିନ ଭଳି ମଙ୍ଗଳବାର ସକାଳେ ନିଜ ବାଇକରେ ସ୍ଥାନୀୟ କାରଖାନାକୁ କାମ କରିବାକୁ ଆସୁଥିବା ବେଳେ ପଛରୁ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ସେ ବାଇକ ସହିତ ଟ୍ରକ ଚକା ତଳେ ପଡ଼ିଯିବା ଫଳରେ ଟ୍ରକ୍‌ଟି ତାଙ୍କ ଉପରେ ଚଢିଯାଇଥିଲା। ଚୌଦ୍ୱାର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନା ପଠାଇଥିଲେ ହେଁ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ଓ ପାଇକରାପୁର ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଧୁମାବତୀ ଛକରେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ସହିତ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବା ଦାବିରେ ଲୋକମାନେ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଫଳରେ କିଛି ସମୟ ପାଇଁ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ପୁଲିସ ଘଟଣାସ୍ଥଳରେ ଉପସ୍ଥିତ ରହି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରି ଯାତାୟତ ସ୍ୱଭାବିକ କରାଇଥିଲେ। ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଅତି ମନ୍ଥର ଗତିରେ ଚାଲୁଥିବା ଓ ସର୍ଭିସ୍ ରୋଡ଼ରେ ଭାରିଯାନ ସହିତ ସମସ୍ତ ହାଲୁକା ଯାନ ଚଳାଚଳ କରିବା ହେତୁ ବାରମ୍ବାର ଦୁର୍ଘଟଣାମାନ ଘଟି ବହୁ ଧନଜୀବନ ହାନୀ ହେଉଥିବାରୁ ଜାତୀୟ ରାଜପଥ ପ୍ରାଧିକରଣ ଏ ଦିଗରେ ତୁରନ୍ତ ପ୍ରତିକାର ବ୍ୟବସ୍ଥା କରିବାକୁ ଦାବି ହେଉଛି।

## ଆଖଣ୍ଡଳମଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ନିଶ୍ଚିନ୍ତକୋଇଲି, ୧୯।୩(ସମିସ):** ଜିଗ୍ନିପୁର ପଞ୍ଚାୟତ ଛୁଆଳିଆ ଗ୍ରାମର ଶ୍ରୀ ଶ୍ରୀ ବାବା ଆଖଣ୍ଡଳମଣୀ ମହାଦେବଙ୍କ ନବମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅବସରରେ ଦୁଇ ଦିନ ବ୍ୟାପୀ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଛି। ବ୍ରହ୍ମକ୍ଷେତ୍ର ପୀଠ ଶ୍ରୀ ବଳଦେବଜୀଉଙ୍କ ଚନ୍ଦନ ପୁଷ୍କରିଣୀରୁ ୧୦୮ ଶ୍ରଦ୍ଧାଳୁ ଭକ୍ତ କଳସୀରେ ଜଳ ଉତ୍ତୋଳନ କରି ଶୋଭାଯାତ୍ରାରେ ଯଜ୍ଞ ମଣ୍ଡପକୁ ଆଣିଥିଲେ। ପଣ୍ଡିତ ଗୁରୁପ୍ରସାଦ ଓ ତାଙ୍କ ସହଯୋଗୀମାନଙ୍କ ଦ୍ୱାରା ଯଜ୍ଞର ଯଥାବିଧି କାର୍ଯ୍ୟକ୍ରମ କରାଯାଇଥିଲା। ଯଜ୍ଞ କମିଟିର ସଭାପତି ପ୍ରଭାକର ସ୍ୱାଇଁ ଓ ତାଙ୍କ ପତ୍ନୀ ରୁକ୍ମଣୀ ସ୍ୱାଇଁ, କମିଟିର ସମ୍ପାଦକ ଚନ୍ଦନ ରାଉତ ଓ ତାଙ୍କ ପତ୍ନୀ ସ୍ୱପ୍ନାଶ୍ରୀ ସାମଲ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରବଚନ ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଆଧ୍ୟାତ୍ମିକ କାର୍ଯ୍ୟରେ ବହୁ ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇ ମହାଦେବଙ୍କ କୃପା ଲାଭ କରିଥିଲେ। ମନୋଜ ଘଡ଼ାଇ, ଗଣେଶ୍ୱର ରାଉତ, ଜଗବନ୍ଧୁ ରାଉତ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ରତିକାନ୍ତ ରାଉତ, ହରିବନ୍ଧୁ ଲେଙ୍କା, ଚନ୍ଦ୍ରମଣୀ ସ୍ୱାଇଁ, ନିତ୍ୟାନନ୍ଦ ସ୍ୱାଇଁ, ଅଶୋକ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଫଗୁ ଦଶମୀରୁ ଆରମ୍ଭ ହେଲା ଦୋଳ ଉତ୍ସବ



**ଆଠଗଡ଼, ୧୯।୩(ସମିସ):** ଆଜି ଫଗୁ ଦଶମୀରୁ ଆରମ୍ଭ ହୋଇଛି ଆଠଗଡ଼ରେ ଦୋଳ ଉତ୍ସବ। ଏହି ଉତ୍ସବ ବାର ଦୋଳର ବାରୁଣୀ ସ୍ନାନରେ ଶେଷ ହେବ। ରାଜୁଡା ଅମଳରୁ ଆଠଗଡ଼ରେ ଆରମ୍ଭ ହୋଇଥିବା ଏହି ଦୋଳ ଉତ୍ସବର ମୁଖ୍ୟ ଠାକୁର ହେଉଛନ୍ତି ଆରାଧ୍ୟ ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଜୀୟୁ। ତାଙ୍କର ଆବାହନରେ ଆଠଗଡ଼ ଅଞ୍ଚଳର ବିଭିନ୍ନ ଗ୍ରାମର ଆରାଧ୍ୟ ଦେବତାମାନେ ବିମାନରେ ଆସି ଆଠଗଡ଼ର ପ୍ରସିଦ୍ଧ ପଞ୍ଚୁ ଦୋଳ ଉତ୍ସବ ପାଳନ କରିଥାଆନ୍ତି। ପବିତ୍ର ଫଗୁ ଦଶମୀରେ ଶ୍ରୀ ଶ୍ରୀ ରାଧା ଗୋବିନ୍ଦଜୀୟୁଙ୍କ ସହିତ ଶ୍ରୀ ଅଙ୍ଗାଳୀ ଜଗନ୍ନାଥ ଏବଂ ଶ୍ରୀ ରଘୁନାଥଙ୍କ ଚଳନ୍ତି ପ୍ରତିମା ସୁସଜ୍ଜିତ ବିମାନରେ ବିଜେ ହୋଇ ଚାଚେରୀ ଭୋଗ ଖାଇବା ପାଇଁ ମନ୍ଦିରରୁ ବାହାରି ଥାଆନ୍ତି। ଆଜି ଶ୍ରୀଜୀୟୁମାନେ ଆଠଗଡ଼ ସହର ପରିକ୍ରମା କରି ବିଭିନ୍ନ ସାହି ଗୁଡ଼ିକରେ ଚାଚେରୀ ଭୋଗ ଖାଇବା ସହିତ ଫଗୁ ଖେଳି ଆଠଗଡ଼ର ଏହି ଅନନ୍ୟ ପରମ୍ପରାକୁ ଆରମ୍ଭ କରିଛନ୍ତି। ପାରମ୍ପରିକ ହୋଲି ବ୍ୟତୀତ ଆଠଗଡ଼ରେ ବାରୁଣୀ ସ୍ନାନ ପରଦିନ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ହୋଲି ଉତ୍ସବ ପାଳିତ ହୋଇଥାଏ। ଆଠଗଡ଼ରେ କୃଷ୍ଣ ଭକ୍ତ ବୈଷ୍ଣବ ରାଜାଙ୍କ ପୃଷ୍ଠପୋଷକତାରେ ଗତ ଶହ ଶହ ବର୍ଷ ଧରି ଏହି ପରମ୍ପରାକୁ ପାଳନ କରାଯାଉଛି। ଯେଉଁ ଗ୍ରାମରେ ଯେଉଁଦିନ ଦୋଳ ଉତ୍ସବ ପାଳନ କରାଯିବ ତା ପରଦିନ ସେଠାରେ ହୋଲି ଉତ୍ସବ ପାଳିତ ହେବାର ପରମ୍ପରା ରହିଛି। ଦୋଳପୂର୍ଣ୍ଣିମା ଦିନ ଆଠଗଡ଼ ଗୋପବନ୍ଧୁ ଛକରେ ଦେବୋତ୍ତର ବିଭାଗ ଆନୁକୂଲ୍ୟରେ ମେଣ୍ଢାଘର ପୋଡି ତଥା ହୋଲିକା ଦହନ ପାଳନ କରାଯାଉଛି।

## କଂଗ୍ରେସର ମିଶ୍ରଣ ପର୍ବ

**ନିଶ୍ଚିନ୍ତକୋଇଲି, ୧୯।୩(ସମିସ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡ଼ା ପଞ୍ଚାୟତର କେତେକ ସଂଖ୍ୟାଲଘୁ ଲୋକେ କଂଗ୍ରେସ ଦଳରେ ଯୋଗଦେଇଛନ୍ତି। ମାହାଙ୍ଗା କଂଗ୍ରେସ ନେତା ତଥା ପିସିସି ସଭ୍ୟ ପ୍ରଦୀପ୍ତ କୁମାର ଦାସଙ୍କ ନେତୃତ୍ୱକୁ ଆଧାର କରି ଏହି ଦଳରେ ଯୋଗଦେଇଛନ୍ତି। ଏହି ପଞ୍ଚାୟତର ମେହେମୁଦ ଖାନ୍, କୁସୁମ୍ ଖାନ୍, କରିମ ଖାନ୍, ମୁନ୍ନା ଖାନ୍, ନୁକୁ ଖାନ୍ ପ୍ରମୁଖ ଅନ୍ୟ ଦଳ ଛାଡ଼ି କଂଗ୍ରେସକୁ ଆପଣେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମାହାଙ୍ଗା ବିଧାନସଭା କ୍ଷେତ୍ର ଯୁବ କଂଗ୍ରେସ ସଭାପତି ସେକ୍ ସଦାମ, ପ୍ରାକ୍ତନ ବ୍ଲକ କଂଗ୍ରେସ ସଭାପତି ଦିଲ୍ଲୀପ କୁମାର ରାଉତ ଓ ଯୁବ କଂଗ୍ରେସ ସୋସିଆଲ ମିଡ଼ିଆ ସଂଯୋଜକ ମିଳନ ମଲିକ ପ୍ରମୁଖ ଯୋଗଦେଇଥିଲେ।

## ହଟିଲା ଦଳୀୟ ବ୍ୟାନର ଓ ପୋଷ୍ଟର

**ମାହାଙ୍ଗା, ୧୯।୩(ସମିସ):** ସାଧାରଣ ନିର୍ବାଚନ ତାରିଖ ଘୋଷଣା ହେବା ପରଠାରୁ ରାଜ୍ୟରେ ନିର୍ବାଚନ ଆଚରଣ ବିଧି କଡାକଡି ଭାବେ ପାଳନ କରାଯାଇ ଅବାଧ ନିରପେକ୍ଷ ନିର୍ବାଚନ ପାଇଁ ମାହାଙ୍ଗା ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏନେଇ ମାହାଙ୍ଗା ବ୍ଲକ ପ୍ରଶାସନ ପକ୍ଷରୁ ଫ୍ଲାଇଙ୍ଗ ସ୍କ୍ୱାର୍ଡ ଗଠନ କରାଯାଇ ବ୍ଲକ ଅଞ୍ଚଳର ସର୍ବସାଧାରଣ ସ୍ଥାନରେ ଲାଗିଥିବା ବିଭିନ୍ନ ବିଭାଗର ବ୍ୟାନର ଓ ପୋଷ୍ଟର ଓ ହୋର୍ଡିଂ ହଟାଇବା କାର୍ଯ୍ୟ ଜାରି ରଖାଯାଇଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ମାହାଙ୍ଗା ବିଡିଓ ଓ ତହସିଲଦାରଙ୍କ ମିଳିତ ଉଦ୍ୟମରେ ବ୍ୟାନର ଓ ପୋଷ୍ଟର ହଟାଯାଉଛି।



## ବୃଦ୍ଧାଶ୍ରମର ବାର୍ଷିକୋତ୍ସବ

**ଚୌଦ୍ୱାର, ୧୯।୩(ସମିସ):** ଚୌଦ୍ୱାର ପୌରପାଳିକା ୧୭ ନମ୍ବର ୱାର୍ଡ ଧୂମାବତୀ ବିହାରସ୍ଥିତ ସ୍ୱାଗତିକା ବୃଦ୍ଧାଶ୍ରମର ପ୍ରଥମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ୱାଗତିକା ଫାଉଣ୍ଡେସନ୍ ମୁଖ୍ୟ ଦେବେନ୍ଦ୍ର କୁମାର ପୃଷ୍ଟି ଓ ଜୟନ୍ତୀ ପୃଷ୍ଟିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ ସାରାଦିନ ବ୍ୟାପି ଭାଗବତ ପାରାୟଣ ଓ ହନୁମାନ ଚାଳିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଏଥିରେ ଯୋଗଦେଇ ଆଶ୍ରମ ଅନ୍ତେବାସୀଙ୍କ ସହିତ ଭାବର ଆଦାନ ପ୍ରଦାନ କରିବା ସାହିତ ସେମାନଙ୍କୁ ଉପହାର ମାନ ପ୍ରଦାନ କରିଥିଲେ। ଅତିଥିମାନେ ଅନ୍ତେବାସୀଙ୍କ ସହିତ ସମୂହ ପ୍ରସାଦ ସେବନରେ ଅଂଶଗ୍ରହଣ କରିଥିଲେ। ଫାଉଣ୍ଡେନ୍‌ର ସଦସ୍ୟ/ସଦସ୍ୟା ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦବୁଛି ପୋଲ ସଂଲଗ୍ନ ରାସ୍ତା; ଯାତାୟତ ବ୍ୟାଘାତ



**ଚୌଦ୍ୱାର, ୧୯।୩(ସମିସ):** ଗତ କିଛି ମାସ ହେବ ନିର୍ମାଣ ହୋଇଥିବା ଚାଉଳିଆ ପୋଲର ମୁଖ୍ୟ ପ୍ରବେଶ ପଥ ଦବିବାରେ ଲାଗିଛି। ଫଳରେ ଭାରୀଯାନ ଠାରୁ ଆରମ୍ଭ କରି ସାଇକଲ ଆରୋହୀ ମଧ୍ୟ ନାନାଦି ହଇରାଣ ହରକତ ହେଉଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଚୌଦ୍ୱାର ନିକଟ ପୁରୁଣା କଟକ ରାସ୍ତାର ଚଉଳିଆ ପୋଲ ଗତ କିଛିଦିନ ହେବ ଚୌଦ୍ୱାର ଆର ଆଣ୍ଡ ବି ବିଭାଗ ଦ୍ୱାରା ନିର୍ମାଣ କରାଯାଇ ସର୍ବସାଧାରଣ ଯାତାୟତ ପାଇଁ ଲୋକାର୍ପିତ କରାଯାଇଥିଲା। ହେଲେ ଗତ ସୋମବାର ବିଳମ୍ବିତ ରାତିରୁ ଲାଗି ରହିଥିବା ବର୍ଷାରେ ପୋଲ ମୁଣ୍ଡ ଦବିବା ହେତୁ ଭାରୀଯାନ ଉକ୍ତ ମୁଣ୍ଡରେ ଉଠି ନ ପାରିବା ସହିତ ସେହିଠାରେ ଅଟକି ରହୁଥିବା ଏବଂ ଅନ୍ୟାନ୍ୟ ଯାନବାହନ ଚଳାଚଳରେ ବ୍ୟାଘତ ସୃଷ୍ଟି ହେଉଥିବା ଦେଖିବାକୁ ମିଳିଥିଲା। କିଛିଦିନ ପୂର୍ବରୁ ନିର୍ମାଣ ହୋଇଥିବା ଏହି ପୋଲର ଏପରି ଅବସ୍ଥା ଦେଖି ପୋଲ ନିର୍ମାଣରେ ନିର୍ମାଣକାରୀ ଠିକାସଂସ୍ଥା ଓ ବିଭାଗୀୟ ଯନ୍ତ୍ରୀଙ୍କ ସଲାସୁତରାରେ ପୋଲ ନିର୍ମାଣ ନିମ୍ନମାନର ହୋଇଥିବା ସାଧାରଣ ଲୋକେ ଅଭିଯୋଗ କରିଛନ୍ତି। ଅସରାଏ ବର୍ଷାରେ ଯଦି ପୋଲ ତଳୁ ମାଟି ଖସି ଏଭଳି ସମସ୍ୟା ଉପୁଜୁଛି ତେବେ ଆଗକୁ ଲଗାତାର ବର୍ଷା ହେଲେ ପରିସ୍ଥିତି କଣ ହେବ ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ବିଭାଗୀୟ ଏସ୍‌ଡିଓ ସଞ୍ଜୀବ କୁମାର ରାୟଙ୍କୁ ପଚାରିବାରୁ ଖବରକୁ ହାଲକା ଭାବେ ନେଇ କୌଣସି ପ୍ରକାର ଅସୁବିଧା ହୋଇ ନ ଥିବା କହି ଘଟଣାକୁ ଏଡାଇ ଦେଇଥିଲେ।

## ପ୍ରାଣୀବିଜ୍ଞାନ ସ୍ନାତକ ଛାତ୍ରଛାତ୍ରୀଙ୍କ ସମାବେଶ

**ବାଙ୍କୀ, ୧୯।୩(ସମିସ):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗ ଆନୁକୂଲ୍ୟରେ +୩ ସମସ୍ତ ବର୍ଷର ଛାତ୍ରଛାତ୍ରୀଙ୍କର ଏକ ସମାବେଶ କଲେଜ ଦୃଶ୍ୟ ଶ୍ରାବ ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଉକ୍ତ ସମାବେଶରେ ଅଧ୍ୟକ୍ଷତା କରି ବିଭାଗର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହିତ ବିଭାଗ ତରଫରୁ ବିଭିନ୍ନ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଶେଷବର୍ଷର ସ୍ନାତକ ଛାତ୍ରଛାତ୍ରୀଙ୍କୁ ବିଭାଗ ତରଫରୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଡକ୍ଟର ଶଶିଭୂଷଣ ମହାପାତ୍ର, ଅଧ୍ୟାପକ ଶ୍ୟାମଲାଲ୍ ଭୋଏ, ଅଧ୍ୟାପକ ପ୍ରସନ୍ନଜିତ୍ ରଥ, କୁମୁଦ ରଞ୍ଜନ ମହାରଣା ଓ ଅବିନାଶ ପରିଡ଼ା ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀମାନେ ଭଲ ପାଠ ପଢ଼ିବା ସହିତ ବିଭାଗର ସୁନାମ ରଖିବା ପାଇଁ ପରାମର୍ଶ ଦେଇଥିଲେ। ପାଠଚକ୍ର ସମ୍ପାଦିକା ନୀଳପଲ୍ଲବୀ ଗୋଛି ବିବରଣୀ ପାଠ କରିଥିଲେ। ଏହି ଅବସରରେ ଚଳିତ ବର୍ଷ ପାଇଁ ନୂତନ ପାଠଚକ୍ର ସମ୍ପାଦକ ଭାବେ ଇରଫାନ ଖାଁ ଓ ସହକାରୀ ପାଠଚକ୍ର ସମ୍ପାଦକ ଅମୀତ୍ କ୍ରାଷ୍ଟ ସ୍ୱାଇଁଙ୍କୁ ବିଭାଗୀୟ ମୁଖ୍ୟ ମନୋନୀତ କରିଥିଲେ। ସହକାରୀ ପାଠଚକ୍ର ସମ୍ପାଦକ ଇରଫାନ୍ ଖାଁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




## ବାଙ୍କୀ କଲେଜରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



**ବାଙ୍କୀ, ୧୯।୩(ସମିସ):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଜୈବ ପ୍ରଯୁକ୍ତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଶେଷ ବର୍ଷର ସ୍ନାତକ ଛାତ୍ରଛାତ୍ରୀମାନଙ୍କର ଶିକ୍ଷାଗ୍ରହଣ ଶେଷ ହୋଇଥିବାରୁ ଏହି ଉପଲକ୍ଷେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ମୁକ୍ତିପଦ ପଣ୍ଡା ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର ଓ ଅଧ୍ୟାପକ ଶ୍ୟାମଲାଲ୍ ଭୋଏ ଯୋଗଦାନ କରି ଛାତ୍ରଛାତ୍ରୀମାନେ ଭଲ ପାଠ ପଢ଼ି ଦେଶବିଦେଶରେ ସୁଖ୍ୟାତି ଅର୍ଜନ କରିବା ପାଇଁ ପରାମର୍ଶ ଦେଇଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ରାସ୍ତା ଉନ୍ନତିକରଣ ନାମରେ ଗଛକଟା

**ନିଶ୍ଚିନ୍ତକୋଇଲି, ୧୯।୩(ସମିସ)**



ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନରେ ଥିବା କରାଣ୍ଡିଆ କେନାଲ ବନ୍ଧର ତିଳକଣା ଠାରୁ ତରତ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ପାଇଁ କାର୍ଯ୍ୟ ଆରମ୍ଭ ନ ହେବା ପୂର୍ବରୁ ଏହା ପାର୍ଶ୍ୱରେ ଥିବା ବଡ଼ ବଡ଼ ଗଛଗୁଡ଼ିକ କଟା ଚାଲିଛି। ସରକାରୀ ଜାଗାରୁ ମାଫିଆମାନେ ଗଛ କାଟି ନେଇଯାଉଥିଲା ବେଳେ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ପରିବେଶ ସୁରକ୍ଷା ନିମନ୍ତେ ବ୍ୟାପକ ପରିମାଣରେ ଚାରାରୋପଣ କରାଯିବା ପାଇଁ ବନବିଭାଗ ଦ୍ୱାରା କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲା ବେଳେ କାହା ସ୍ୱାର୍ଥରେ ଏହି ରାସ୍ତା ପାର୍ଶ୍ୱରେ ଥିବା ବହୁ ପୁରାତନ ଏବଂ ବୃହତ ବୃକ୍ଷ ଗୁଡ଼ିକୁ କଟାଯାଉଛି ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏଠାରେ ସୂଚନାଯୋଗ୍ୟ କରାଣ୍ଡିଆ କେନାଲ ବନ୍ଧ ରାସ୍ତା ଅଧୀନରେ ରହିଥିବା ଗଛଗୁଡ଼ିକ ଜଳସେଚନ ବିଭାଗର ଅଟେ। କଟାଯାଉଥିବା ଗଛ ଜଳସେଚନ ବିଭାଗ କିମ୍ବା ବନ ବିଭାଗ ଜ୍ଞାତସାରରେ କଟାଯାଉଛି କି ନାହିଁ ତାହା ତଦନ୍ତ ସାପେକ୍ଷ। ରାସ୍ତା କାର୍ଯ୍ୟ କରୁଥିବା ଠିକାଦାର ଜଣକ ଏହି ଗଛ କାଟୁଛନ୍ତି କି ମାଫିଆମାନେ ଗଛ କାଟି ନେଇ ଯାଉଛନ୍ତି ତାହା ମଧ୍ୟ ଜଣାପଡୁନାହିଁ। ମାହାଙ୍ଗା ବିଧାୟକ ପ୍ରତାପ ଜେନା ଗତ ୧୫ ତାରିଖରେ ଉକ୍ତ ରାସ୍ତାର ପ୍ରଶସ୍ତିକରଣ ପାଇଁ ୧୨.୩୦କୋଟି ଟଙ୍କା ଅନୁଦାନ ଯୋଗାଇଦେଇ ଶୁଭ ଶିଳାନ୍ୟାସ କରିଥିଲେ। ରାସ୍ତା କାର୍ଯ୍ୟ ଆରମ୍ଭ ନ ହେଉଣୁ କଣ ପାଇଁ ଗଛ କଟାଯାଉଛି ତାହାର ତଦନ୍ତ ହେବା ପାଇଁ ସାଧାରଣରେ ଦାବି ହୋଇଛି।

